# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 March - 2025

*******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍'ର ଆଗାମୀ ସଂସ୍କରଣ ପାଇଁ ଆସନ୍ତା ୨୫ ତାରିଖ ସୁଦ୍ଧା ଜନସାଧାରଣଠାରୁ ଲୋଡ଼ାଯାଇଛି ମତାମତ
- ଉପଭୋକ୍ତାଙ୍କ ଅଧିକାର ଓ ସୁରକ୍ଷା ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଉପଭୋକ୍ତା ଅଧିକାର ଦିବସ
- ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି ରଙ୍ଗର ପର୍ବ ହୋଲି

ଏବଂ

- ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଲେ ସ୍ୱତନ୍ତ୍ର ରିଲିଫ୍ କମିଶନର

*Desk*

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ 'ମନ୍ କି ବାତ୍'ର ୧୨୦ ତମ ସଂସ୍କରଣ। ଏଥିପାଇଁ ସମସ୍ତଙ୍କଠାରୁ ମତାମତ ଲୋଡ଼ା ଯାଇଛି।  ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୫ ତାରିଖ ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ତଥ୍ୟ ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

*Desk*

# ବିଶ୍ୱ ଉପଭୋକ୍ତା ଦିବସ

ଉପଭୋକ୍ତା ଅଧିକାର ଏବଂ ସୁରକ୍ଷା ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନ କରାଯାଉଛି। ଉପଭୋକ୍ତାଙ୍କ ମୌଳିକ ଅଧିକାରକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଏହାକୁ ସୁରକ୍ଷିତ ରଖିବା ନେଇ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୫ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷର ବିଷୟ ବସ୍ତୁ ରହିଛି 'ସ୍ଥାୟୀ ଜୀବନଶୈଳୀ ପାଇଁ ଏକ ପରିବର୍ତ୍ତନ'। ଉପଭୋକ୍ତାଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କର ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟ ନେଇ ସରକାର ବହୁବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଜାତୀୟ ଉପଭୋକ୍ତା ହେଲ୍ପ ଲାଇନ୍ ନମ୍ବର ପ୍ରଣୟନ କରାଯିବା ସହ ଅଭିଯୋଗ ସମାଧାନକୁ ତ୍ୱରାନ୍ୱିତ କରାଯାଉଛି। ଇ-କମର୍ସ ସଂସ୍ଥାଗୁଡ଼ିକରେ କଥିତ ଅନିୟମିତତାରୁ ଉପଭୋକ୍ତାଙ୍କୁ ସୁରକ୍ଷା ଦେବା ଲକ୍ଷ୍ୟ ନେଇ ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ଉପଭୋକ୍ତା ସୁରକ୍ଷା (ଇ-କମର୍ସ) ନିୟମାବଳୀ-୨୦୨୦ ପ୍ରଚଳନ କରାଯାଇଛି। ଏହି ନିୟମ ମାଧ୍ୟମରେ ଇ-କମର୍ସ ସଂସ୍ଥାଗୁଡ଼ିକର ଦାୟିତ୍ୱ ନେଇ ସମ୍ପୂର୍ଣ୍ଣ ବିବରଣୀ ରହିଛି।

*Desk*

## ଯୋଶୀ–ଖାଉଟୀ

ଉପଭୋକ୍ତାମାନଙ୍କ ସୁରକ୍ଷା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଖାଉଟୀ ବ୍ୟପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି । ବିଶ୍ୱ ଖାଉଟୀ ଅଧିକାର ଦିବସ ଅବସରରେ ଆଭାସୀ ଜରିଆରେ ଏକ ୱେବିନାରକୁ ସମ୍ବୋଧନ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ଯୋଶୀ କହିଛନ୍ତି ସରକାର ଉପଭୋକ୍ତାଙ୍କ ସଶକ୍ତିକରଣ ଉପରେ ଧ୍ୟାନ ଦେଇ ଅଭିଯୋଗ ଗୁଡ଼ିକର ସମାଧାନ କରିବା ପାଇଁ ଆଧୁନିକୀ ଜ୍ଞାନକୌଶଳ ବ୍ୟବହାର କରୁଛନ୍ତି ।

*Desk*

## ମୁଖ୍ୟମନ୍ତ୍ରୀ– ଅନୁକମ୍ପାମୂଳକ ସହାୟତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରରେ ଘଟିଥିବା ଦୁର୍ଘଟଣାରେ ମୃତକଙ୍କ ପରିବାରବର୍ଗ ପାଇଁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ, ୨୦ ନମ୍ବର ଜାତୀୟ ରାଜପଥ ଚମ୍ପୁଆ ଥାନା ଦୋଳିତା ଛକ ନିକଟରେ ଏକ ଆଇରନ୍ ବୋଝେଇ ଟ୍ରକ୍ ଧକ୍କାରେ ସାନନଇ ଗ୍ରାମର ଗୋଟିଏ ପରିବାରର ୩ ଜଣଙ୍କର ମୃତ୍ୟୁ ଘଟିଥିଲା । ଘଟଣାସ୍ଥଳରେ  ବାପାଙ୍କର ମୃତ୍ୟୁ ହୋଇଥିବା ବେଳେ ଚମ୍ପୁଆ ଡାକ୍ତରଖାନାରେ ମା' ଓ କେନ୍ଦୁଝର

ଡାକ୍ତରଖାନାରେ ପୁଅର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାସ୍ଥଳରେ ପୁଲିସ ତଦନ୍ତ ଜାରି ରଖିଛି।

***Ganjam***

## ଧାନସଂଗ୍ରହ ପ୍ରକ୍ରିୟା

ଗଞ୍ଜାମ ଜିଲ୍ଲାରେ ଧାନସଂଗ୍ରହ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ବର୍ତ୍ତମାନ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ୯୭ ପ୍ରତିଶତ ଧାନ ସଂଗ୍ରହ ହୋଇସାରିଛି। ପଞ୍ଜୀକରଣ କରିଥିବା ୧ ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୩୯ ହଜାର ୧୬୧ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ବିଭିନ୍ନ ସମୟରେ ଗ୍ରାମାଞ୍ଚଳରେ ଥିବା ମଣ୍ଡି ପରିଦର୍ଶନ କରି ଧାନକ୍ରୟ ପ୍ରକ୍ରିୟାରୁ ଯେପରି କୌଣସି ଚାଷୀ ବାଦ୍ ନ ପଡ଼ିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ସୁରୁଖୁରୁରେ ଚାଲିଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଧାନକ୍ରୟ ହେବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ କହିଛନ୍ତି। ଜିଲ୍ଲାର ବେଲଗୁଣ୍ଠା, ବୁଗୁଡ଼ା, ଭଞ୍ଜନଗର, ଚିକିଟି, ଧରାକୋଟ, ଦିଗପହଣ୍ଡି, ଜଗନ୍ନାଥପ୍ରସାଦ, ଖଲ୍ଲିକୋଟ, ପାତ୍ରପୁର ଆଦି ବ୍ଲକରେ ୯୯ ପ୍ରତିଶତ ଧାନକ୍ରୟ ସରିଛି।

*Nuapada/Malkangiri/Rayagada/Balangir/BHK/Sonepur*

# ହୋଲି ଉତ୍ସବ

ବସନ୍ତ ଋତୁର ଆଗମନ ଏବଂ ମନ୍ଦ ଉପରେ ସତ୍ୟର ବିଜୟ ସ୍ୱରୂପ ରଙ୍ଗର ପର୍ବ ହୋଲି ରାଜ୍ୟରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି। ସମାଜର ବିଭିନ୍ନ ବର୍ଗର ଲୋକ ପରସ୍ପର ଦେହରେ ରଙ୍ଗ ବୋଳି ଶୁଭେଚ୍ଛା ଓ ଅଭିନନ୍ଦନ ପ୍ରଦାନ କରିଛନ୍ତି।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପଟି ରଙ୍ଗର ଉତ୍ସବ ହୋଲି ଅବସରରେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇ ପ୍ରାକୃତିକ ରଙ୍ଗ ବ୍ୟବହାର କରି ଏହି ଅବସରକୁ ଉପଭୋଗ କରିବା ପାଇଁ କହିଥିଲେ।

ରଙ୍ଗର ପର୍ବ ହୋଲି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଭ୍ରାତୃତ୍ୱ ଓ ସଦ୍‌ଭାବନାର ଏହି ପର୍ବ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଭରି ଦେଉ ବୋଲି କାମନା କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ରାଜ୍ୟବାସୀଙ୍କୁ ହୋଲିର ଅଭିନନ୍ଦନ ଜଣାଇବା ସହିତ ଏହି ପର୍ବ ସମସ୍ତଙ୍କ ଜୀବନରେ ଆନନ୍ଦ, ସମନ୍ୱୟ, ନୂତନ ଶକ୍ତି ଓ ଉର୍ଜା ଆଣିଦେଉ ବୋଲି କହିଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲାରେ ଆନନ୍ଦ ଉତ୍ସାହର ସହିତ ପାଳିତ ହୋଇଛି। ଦୋଳମେଳଣ ପଡ଼ିଆରେ ହରିହର ଭେଟ ସହ ସୁସଜ୍ଜିତ ବିମାନରେ

ବିଜେ କରିଥିବା ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ଶ୍ରଦ୍ଧାଳୁ ଦର୍ଶନ କରୁଛନ୍ତି। ଏଥିସହ ୫ ଦିନ ଧରି ଆୟୋଜିତ ଫଗୁନପୁନୀ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଛି।

ଭଦ୍ରକ ଜିଲ୍ଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରେ  ଥିବା ଚଳନ୍ତି ପ୍ରତିମା ଶ୍ରୀଚନ୍ଦ୍ରଶେଖର ବିମାନରେ ନାଟମଣ୍ଡପକୁ ନିଆଯାଇ ନଗର ପରିକ୍ରମା କରାଯିବା ସହ ନୂତନ ବିରଜା ପଞ୍ଜିକା ପାଠ କରାଯାଇଛି। ଜିଲ୍ଲାର ପଞ୍ଚୁଟିକିରି, ଆତୁଙ୍ଗ, ବାଲିନଗର, ଘଣ୍ଟେଶ୍ୱରଠାରେ ଲଉଡ଼ି ଖେଳ ଓ  ଓଗାଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

ନୂଆପଡ଼ା ଜିଲ୍ଲାର ପୁରପଲ୍ଲୀ ସମେତ ଖଡ଼ିଆଳଠାରେ ରାମମନ୍ଦିର ମଣ୍ଡଳୀ ପକ୍ଷରୁ ହୋଲି ପର୍ବ ପାଳିତ ହୋଇଯାଇଛି। ବାଦ୍ୟ ଓ ସଙ୍ଗୀତର ତାଳେ ତାଳେ ସାଧାରଣ ଜନତା କେବଳ ଫଗୁରଙ୍ଗ ଖେଳିଥିଲେ।

ମାଲକାନଗିରି ଜିଲ୍ଲାରେ ହୋଲିପର୍ବ ଆନନ୍ଦ ଉଲ୍ଲାସର ସହ ପର୍ବ ପାଳନ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ସଂଗଠନ ପକ୍ଷରୁ ନାଚ, ଗୀତ ମାଧ୍ୟମରେ ହୋଲିପର୍ବ ପାଳନ କରାଯାଇଛି।

ରାୟଗଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ହର୍ଷଉଲ୍ଲାସ ମଧ୍ୟରେ ହୋଲି ପାଳିତ ହୋଇଯାଇଛି। ପଦ୍ମପୁର ଓଦୁର୍ଗୀଠାରେ ତିନିଦିନ ଧରି ହୋଲି ପାଳିତ ହେଉଥିବା ବେଳେ ଆଜି ରାୟଗଡ଼ା, ଗୁଣୁପୁର, ମୁନିଗୁଡ଼ା, ବିଷମ କଟକ ସମେତ ସମସ୍ତ ସହରରେ ଓ ବିଭିନ୍ନ ସଂଗଠନ ପକ୍ଷରୁ ପରସ୍ପର ହୋଲି ଖେଳିଛନ୍ତି।

ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକରେ ଥିବା ସି.ଆର୍.ପି.ଏଫ୍ କ୍ୟାମ୍ପରେ ଆଜି ହୋଲି ପାଳିତ ହୋଇଯାଇଛି । ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ସ୍ଥାନରେ ହୋଲି ଖେଳ ଆନନ୍ଦ ଉଲ୍ଲାସ ସହ ପାଳିତ ହୋଇଯାଇଛି । ପାଟଣାଗଡ଼ ରାଜଖମାରଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଜନସାଧାରଣଙ୍କ ସହିତ ହୋଲି ଖେଳିଛନ୍ତି ।

***Desk***

## ଅଗ୍ନିପଥ ଯୋଜନା

ଭାରତୀୟ ସେନାବାହିନୀରେ ୨୦୨୫-୨୬ ବର୍ଷ ନିମନ୍ତେ ଅଗ୍ନିପଥ ଯୋଜନା ଏବଂ ନିୟମିତ ପଦବୀରେ ନିଯୁକ୍ତି ନେଇ ଆବେଦନପତ୍ର ଆହ୍ୱାନ କରାଯାଇଛି । ଅନଲାଇନ୍ ମାଧ୍ୟମରେ ଆସନ୍ତା ମାସ ୧୦ ତାରିଖ ପର୍ଯ୍ୟନ୍ତ ଆବେଦନ କରାଯାଇପାରିବ । ଇଚ୍ଛୁକ ପ୍ରାର୍ଥୀ www.joinindianarmy.nic.in ରେ ଆବେଦନ କରିପାରିବେ । ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ନିୟମାବଳୀ ମଧ୍ୟ ଏହି ୱେବସାଇଟ୍‌ରେ ଉପଲବ୍ଧ । ତେବେ ଆବେଦନ ଏବଂ ପରୀକ୍ଷା ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବା ପାଇଁ ଇଚ୍ଛୁକ ପ୍ରାର୍ଥୀ କଟକ ଆର୍ମି ରିକ୍ରୁମେଣ୍ଟ କାର୍ଯ୍ୟାଳୟ ସହ ବ୍ୟକ୍ତିଗତ ଯୋଗାଯୋଗ କରିବାକୁ କୁହାଯାଇଛି ।

***Desk***

## ସାଇକ୍ଲୋଥୋନ

'ସୁରକ୍ଷିତ ତଟ ସମୃଦ୍ଧ ଭାରତ' ଅଭିଯାନ ବାର୍ତ୍ତା ନେଇ ଆଜି ସି.ଆଇ.ଏସ୍.ଏଫ୍.ର ସାଇକେଲ ଶୋଭାଯାତ୍ରା ପୁରୀରୁ ବାହାରି କୋଣାର୍କରେ

ପହଞ୍ଚିଛି। ପୁରୀ ପହଞ୍ଚିବା ପରେ ଏହି ସାଇକେଲ ରାଲିକୁ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ଉପକୂଳଠାରେ ସ୍ୱାଗତ କରିଥିଲେ। ଏହି ଅବସରରେ ସମୁଦ୍ରକୂଳଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କେନ୍ଦ୍ରୀୟ ଉଦ୍ୟୋଗ ସୁରକ୍ଷା ବଳ ପକ୍ଷରୁ ଏଇ ସଚେତନତା ସାଇକେଲ ଶୋଭାଯାତ୍ରାର ୬୦ ଜଣିଆ ଦଳ ପଶ୍ଚିମବଙ୍ଗରୁ ବାହାରି କନ୍ୟାକୁମାରୀ ପର୍ଯ୍ୟନ୍ତ ଯାତ୍ରା କରୁଅଛି। ଭାରତର ତଟବର୍ତ୍ତୀ ଅଞ୍ଚଳ ସୁରକ୍ଷିତ ରଖିବା ତଥା ଦେଶରେ ବେଆଇନ୍ ନିଶା କାରବାର ରୋକିବା ସହ ସମୃଦ୍ଧ ଭାରତ ଗଠନ ଦିଗରେ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ଏହି ଶୋଭାଯାତ୍ରା ବାହାରିଛି।

***Desk***

# ଇସ୍ରୋ-ଏଲ୍‌ଭିଏମ୍-୩

ଭାରତୀୟ ମହାକାଶ ଅନୁସନ୍ଧାନ ପ୍ରତିଷ୍ଠାନ ଇସ୍ରୋ ସଫଳତାର ସହ କ୍ରାୟୋଜେନିକ୍ ଇଞ୍ଜିନର ହଟ୍ ଟେଷ୍ଟିଂ ପ୍ରଣାଳୀର ପରୀକ୍ଷା କରିଛି । ଏହାର ଷଷ୍ଠ ପରିଚାଳନାଗତ ଅଭିଯାନରେ ଏଲ୍‌ଭିଏମ୍-୩ ଲଞ୍ଚ ଭେଇକିଲ ଏହି ପରୀକ୍ଷାରେ ସଫଳ ହୋଇଥିବା ଜଣାପଡିଛି । ତାମିଲନାଡୁର ମହେନ୍ଦ୍ରଗିରିରେ ଇସ୍ରୋର ପ୍ରପଲସନ କମ୍ପ୍ଲେକ୍ସଠାରେ ଏହି ପରୀକ୍ଷା କରାଯାଇଥିଲା । ଲଞ୍ଚ ଭେଇକିଲ୍ ମାର୍କ-୩ ଏକ ତ୍ରିସ୍ତରୀୟ ମଧ୍ୟମ ଧରଣର ଯାନ, ଯାହା ସାହାଯ୍ୟରେ ଉପଗ୍ରହ ଉତ୍କ୍ଷେପଣ କରାଯାଇଥାଏ । ପ୍ରତ୍ୟେକ ମିଶନ ପୂର୍ବରୁ କାୟୋଜେନିକ ଇଞ୍ଜିନର ହଟ୍

ଟେଷ୍ଟିଂ କରାଯିବା ଏକ ପ୍ରକ୍ରିୟା, ଯେଉଁଥିରେ ଏହା ଯେଉଁ ରକେଟ୍‌କୁ ଉତ୍‌କ୍ଷେପଣ କରିବାକୁ ଥିବ ତାହା ସଠିକ୍ ଭାବେ ଗ୍ରହଣ ହେଉଛି କି ନାହିଁ ଜଣାପଡିଥାଏ । ମହାକାଶ ଅଭିଯାନ କ୍ଷେତ୍ରରେ କମ୍ ସମୟ ମଧ୍ୟରେ କାୟୋଜେନିକ ଇଞ୍ଜିନର ସଫଳତା ସୁନିଶ୍ଚିତ କରିବା ପାଇଁ ଏହି ପରୀକ୍ଷା କରାଯାଏ । ସୂଚନା ଅନୁଯାୟୀ ସି.ଇ-୨୦ ଇଞ୍ଜିନର ପ୍ରଦର୍ଶନ ସମସ୍ତ ମାନଦଣ୍ଡ ପୂରଣ କରିଛି । ଏବେ ସମ୍ପୃକ୍ତ ଇଞ୍ଜିନକୁ କାୟୋଜେନିକ ଅପର ଷ୍ଟେଜ ଅର୍ଥାତ ଏଲ୍‌ଭିଏମ୍-୩ ମାର୍କ-୬ ସହ ସଂଯୋଗ କରାଯିବ । ଚଳିତବର୍ଷ ମଧ୍ୟଭାଗରେ ଏହା ଉତ୍‌କ୍ଷେପଣ କରାଯିବ ବୋଲି ସୂଚନା ମିଳିଛି ।

***HS***

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଝାରସୁଗୁଡ଼ା, ସମ୍ବଲପୁର, କଳାହାଣ୍ଡି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ନେଇ ଆଜି ସତର୍କ ସୂଚନା ଜାରି କରାଯାଇଥିଲା। ଆସନ୍ତା ୨୪ ଘଣ୍ଟା ମଧ୍ୟ ପର୍ଯ୍ୟନ୍ତ ରାଜ୍ୟର ପାଗରେ

ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।